ଅଂଶୁଘାତ ମୃତ୍ୟୁ ନେଇ ରାଉରକେଲା ଓକିଲ ସଂଘର ଉଦ୍‌ବେଗ, ଜିଲ୍ଲାପାଳଙ୍କ ସହିତ ଆଲୋଚନା

ରାଉରକେଲା, ୦୧/୦୬ (ନି.ପ୍ର): ସଂପ୍ରତି ରାଉରକେଲା ତଥା ସୁନ୍ଦରଗଡ଼ ଜିଲ୍ଲାରେ ଗତ ୪ ଦିନ ଧରି ପ୍ରବଳ ଗ୍ରୀଷ୍ମପ୍ରବାହ ଜାରୀ ରହିଥିଲା ବେଳେ ସାଧାରଣ ଜନଜୀବନ ବିଶେଷ ଭାବରେ ପ୍ରଭାବିତ ହୋଇଛି । ଗତ କାଲି ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁଁ ୧୦ରୁ ୧୫ ଜଣ ଲୋକଙ୍କ ଅଂଶୁଘାତ ଜନିତ ମୃତ୍ୟୁ ରାଉରକେଲା ସରକାରୀ ଡାକ୍ତରଖାନାରେ ହୋଇଥିବାର ଘଟଣା ସମଗ୍ର ରାଜ୍ୟର ପ୍ରବଳ ଗ୍ରୀଷ୍ମପ୍ରବାହ ଓ ତତ୍ ଜନିତ ଅଂଶୁଘାତ ର ନିରାକରଣ ଓ ମୁକାବିଲା ଦିଗରେ ଜିଲ୍ଲା ପ୍ରଶାସନ ର ପ୍ରସ୍ତୁତି ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ରାଉରକେଲା ଓଡ଼ିଶାର ଦ୍ୱିତୀୟ ସ୍ମାର୍ଟ ସିଟି ଓ ତା'ର ଆଖପାଖ ଅଂଚଳ ର ଜନ ସାଧାରଣ ପ୍ରବଳ ଗ୍ରୀଷ୍ମପ୍ରବାହ ଓ ଅଂଶୁଘାତ ମୃତ୍ୟୁ ର ଶିକାର ହେବେ ତାହା ସ୍ୱାସ୍ଥ୍ୟସେବା ପ୍ରତି ଚରମ ଉଦାସୀନତା ର ପରିଚୟ ଛଡ଼ା ଆଉ କିଛି ନୁହେଁ ବୋଲି ରାଉରକେଲା ଓକିଲ ସଂଘ ଏ ନେଇ ଘୋର ଉଦବେଗ ପ୍ରକାଶ କରିଛି । ସୁନ୍ଦରଗଡ଼ ଜିଲ୍ଲାପାଳ ରାଉରକେଲା ସରକାରୀ ଡାକ୍ତରଖାନାରେ ଉପସ୍ଥିତ ର ସମୀକ୍ଷା କରିବା ପାଇଁ ଆସିଥିବାର ଖବର ପାଇ ରାଉରକେଲା ଓକିଲ ସଂଘର ଏକ ପ୍ରତନିଧି ଦଳ ଜିଲ୍ଲାପାଳଙ୍କୁ ପ୍ରବଳ ଗ୍ରୀଷ୍ମପ୍ରବାହ ଜିଲ୍ଲାରେ ଜାରି ରହିଥିଲା ବେଳେ କିପରି ସାଧାରଣ ଲୋକେ ଅଂଶୁଘାତରେ ଶିକାର ନହେବେ ସେଥିପାଇଁ ତୁରନ୍ତ ଜିଲ୍ଲା ସ୍ତରୀୟ ପଦକ୍ଷେପ ନେବା ସହିତ ଗ୍ରାମାଂଚଳରେ ବ୍ୟାପକ ସଚେତନତା, ଗ୍ରୀଷ୍ମପ୍ରବାହ ସମୟରେ ଶ୍ରମିକ ମାନଙ୍କୁ କାର୍ଯ୍ୟ ରୁ ବିରତ ରଖିବା ଓ ଯେଉଁ ମାନେ ଶ୍ରମିକ ମାନଙ୍କୁ କାମରେ ଲଗାଉଛନ୍ତି ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ଗ୍ରାମାଂଚଳରେ ଅଧିକ ଚିକିତ୍ସା କେନ୍ଦ୍ର ଓ ଡାକ୍ତର ନିୟୋଜନ କରିବା, ବ୍ୟାପକ ଓଆରଏସ ର ବ୍ୟବସ୍ଥା, ରାଉରକେଲା ସରକାରୀ ଡାକ୍ତରଖାନାରେ ବ୍ୟାପକ ଅଂଶୁଘାତ ଚିକିତ୍ସା ପାଇଁ ତଡିତ୍ ବ୍ୟବସ୍ଥା କରିବା ସହିତ ଅଂଶୁଘାତରେ ମୃତକଙ୍କ ପରିବାରକୁ ସରକାର ପର୍ଯ୍ୟାପ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲାପାଳଙ୍କ ନିକଟରେ ରାଉରକେଲା ଓକିଲ ସଂଘର ପ୍ରତିନିଧି ଦଳ ଦାବି କରିଛନ୍ତି ।

ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ଉପ ସଭାପତି ରାଜ କିଶୋର ପ୍ରଧାନ, ସଂପାଦକ ଦେବାନନ୍ଦ ତନ୍ତୀ, ସଦସ୍ୟ ପବିତ୍ର ଜେନା, ଅରୁଣ କୁଶଳ, ତାପସ ପରିଡ଼ା, ବିଜୟ ରାମଦାସ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ ।

ସେନାବାହିନୀରେ ଚାକିରି ନାଁରେ ବିବାହ କରି ଫସିଲେ

ରାଉରକେଲା, ୦୧/୦୬ (ନି.ପ୍ର): ସେନାବାହିନୀରେ ଚାକିରି କରୁଥିବା କହି ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ଘଟଣାରେ ଜଣେ ଠକ ଯୁବକଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି ରାଉରକେଲାର ପ୍ରଥମ ବିଚାର ବିଭାଗୀୟ ବିଚାରପତି ରମାକାନ୍ତ ବେହେରା । ଦୋଷୀ ଯୁବକ ହେଲେ କେସିଙ୍ଗା ଅଂଚଳର କୃଷ୍ଣଚନ୍ଦ୍ର ମାଝୀ । ମିଛ କହି ବିବାହ କରିଥିବାରୁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡ ସହ ୧୯ ହଜାର ଟଙ୍କା ଜରିମାନା ଓ ଏହା ଅନାଦେୟ ଅଧିକ ୫ ମାସ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି ବିଚାରପତି ।

ଲାଠିକଟା ଥାନା ସୁଇଡିହି ଅଂଚଳର ଜଣେ ଯୁବତୀ ସଂପର୍କୀୟ ଭଉଣୀଙ୍କ ବିବାହ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲା କେସିଙ୍ଗାକୁ ଯାଇଥିଲେ । ସେଠାରେ କୃଷ୍ଣଚନ୍ଦ୍ରଙ୍କ ସହ ଯୁବତୀଙ୍କ ଦେଖା ହୋଇଥିଲା । ପରେ କୃଷ୍ଣଚନ୍ଦ୍ର ନିଜକୁ ଆର୍ମିରେ ଚାକିରି କରିଥିବା କହି ବନ୍ଧୁତା ସ୍ଥାପନ କରିଥିଲେ । ବନ୍ଧୁତା ପ୍ରେମ ଆଡକୁ ଯିବା ପରେ ଯାଜପୁରରେ ଦୁହେଁ ବିବାହ କରିଥିଲେ । ବିବାହ ପରେ କୃଷ୍ଣଚନ୍ଦ୍ର ଯୁବତୀଙ୍କୁ କେସିଙ୍ଗାସ୍ଥିତ ନିଜ ଘରକୁ ଯିବାକୁ କହି ଗୁଜରାଟର ରାଜକୋଟକୁ ନେଇ ଯାଇଥିଲେ । ଇତି ମଧ୍ୟରେ ଯୁବତୀ କୃଷ୍ଣଚନ୍ଦ୍ର ସେନାବାହିନୀରେ କୌଣସି ଚାକିରି କରି ନଥିବା ଜାଣିବାକୁ ପାଇଥିଲେ । ଏପରିକି ସେ କିଛି କାମଧନ୍ଦା ନ କରି ସଂପୂର୍ଣ୍ଣ ବେକାର ରହିଥିବା ଜଣାପଡିଥିଲା । ଏତଦ୍‌ବ୍ୟତୀତ ସେ ପୂର୍ବରୁ ବିବାହିତ ଓ ତାଙ୍କର ଏକ ୫ ବର୍ଷର ପୁଅ ଥିବା ଯୁବତୀ ଜାଣିବାକୁ ପାଇଥିଲେ । ଏ ନେଇ ଯୁବତୀ ବିରୋଧ କରିବାରୁ କୃଷ୍ଣଚନ୍ଦ୍ର ତାଙ୍କୁ ନିର୍ଯାତନା ଦେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ । କୌଣସି ମତେ ଯୁବତୀ ପଡୋଶୀଙ୍କ ସହାୟତାରେ ପରିବାରକୁ ଫୋନ୍ ଯୋଗେ ସବୁ କଥା କହିଥିଲେ । ପରିବାର ଲୋକେ ଗୁଜରାଟରେ ପହଂଚି ଦୁହିଁକୁ ଟ୍ରେନ୍ ଯୋଗେ ନେଇ ଆସୁଥିବା ବେଳେ କୃଷ୍ଣଚନ୍ଦ୍ର ଫରାର ହୋଇଯାଇଥିଲେ । କିଛିଦିନ ପରେ ଯୁବତୀଙ୍କ ଅଶ୍ଳୀଳ ଭିଡିଓ ଓ ଫଟୋ ପରିବାର ତଥା ସାଙ୍ଗମାନଙ୍କୁ ପଠାଇ ସାଙ୍ଗରେ ରହିବାକୁ ଧମକ ଦେଇଥିଲେ । ନଚେତ୍ ସୋସିଆଲ ମିଡିଆରେ ଭାଇରାଲ କରିଦେବାକୁ ମଧ ଧମକ ଦେଇଥିଲେ । ଏନେଇ ୨୦୨୩ ଅକ୍ଟୋବର ୧୭ରେ ଯୁବତୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ଅଭିଯୁକ୍ତ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାର ବିଚାର କରି କୃଷ୍ଣଚନ୍ଦ୍ରକୁ ୫ ବର୍ଷ ଜେଲ ଦଣ୍ଡାଦେଶ ପ୍ରଦାନ କରିଛନ୍ତି । ସରକାରୀ ଓକିଲ ଅକ୍ଷୟ ସାହୁ ଏହି ମାମଲା ପରିଚାଳନା କରିଥିଲେ ।

ମଦ୍ୟପ ପୁଅକୁ ଟାଙ୍ଗିଆରେ ହାଣିଦେଲା ବାପ

ବଣାଇ, ୦୧/୦୬ (ନି.ପ୍ର): ବଣାଇ ଉପଖଣ୍ଡ ଲହୁଣୀପଡା ଥାନା ଖଣ୍ଡାଧାର ନିକଟ ବୁଢ଼ାଭୂଇଁ ଓରାମ ବସ୍ତିରେ ଘଟିଛି ଅଘଟଣ । ମଦ୍ୟପ ପୁଅର ଅତ୍ୟାଚାରରେ ଅତିଷ୍ଠ ହୋଇ ତାଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛି ବାପା । ସୂଚନା ଅନୁସାରେ ସବୁଦିନ ଭଳି ଗୁରୁବାର ରାତିରେ ବସ୍ତିର ଫ୍ରାନ୍ସିସ୍ ଓରାମ (୫୫)ଙ୍କ ପୁଅ ପାତ୍ରାସ ଓରାମ (୩୦) ମଦ ପିଇ ଘରକୁ ଆସିଥିଲେ । କୌଣସି କାରଣରୁ ବାପପୁଅଙ୍କ ମଧ୍ୟରେ ଘଡା ହୋଇଥିଲା । ପରେ ପାତ୍ରାସ ବାରଣ୍ଡାରେ ଶୋଇଥିବା ବେଳେ ଫ୍ରାନ୍ସିସ୍ ଘରେ ଥିବା ଏକ ଟାଙ୍ଗିଆ ଆଣି ତାଙ୍କୁ ହାଣିଦେଇଥିଲେ । ଖବର ଜଣାପଡିବା ପରେ ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ । ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଫ୍ରାନ୍ସିସ୍‌କୁ ଥାନାରେ ଅଟକ ରଖିଛି ।

ନମ୍ରତା ବେହେରା କଂପ୍ୟୁଟର ସାଇନ୍ସ ବିଭାଗ ସ୍ନାତକ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଟପ୍ପର

କେନ୍ଦୁଝର/ଯୋଡ଼ା, ୦୧/୦୬ (ନି.ପ୍ର): ଖିରେଇଟାଙ୍ଗିରୀସ୍ଥିତ ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ମେଧାବୀ ଛାତ୍ରୀ ନମ୍ରତା ବେହେରା ମହାରାଜା ଶ୍ରୀରାମ ଚନ୍ଦ୍ର ଭଂଜ ଦେଓ ବିଶ୍ୱବିଦ୍ୟାଳୟର କଂପ୍ୟୁଟର ସାଇନ୍ସ ବିଭାଗ ସ୍ନାତକ ପରୀକ୍ଷାରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସେ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜେଏସପି ଫାଉଣ୍ଡେସନ ଦ୍ୱାରା ଗରିବ ମେଧାବୀ ଛାତ୍ରୀମାନଙ୍କୁ ଯୋଗାଇ ଦିଆଯାଉଥିବା 'ଯଶସ୍ୱୀ ମେଧାବୃତ୍ତି' ସହାୟତାରେ ଅଧ୍ୟୟନ କରୁଥିଲେ । ବିଶ୍ୱବିଦ୍ୟାଳୟରେ ଟପ୍ପର ହେବା ପରେ ତାଙ୍କୁ ଅଭିନନ୍ଦନର ସୁଅ ଛୁଟିଛି ।

ଖିରେଇଟାଙ୍ଗିରୀ ପଂଚାୟତର ଡଳଙ୍ଗ ଗାଁର ଶ୍ରୀ ବିଜୟାନନ୍ଦ ବେହେରା ଓ ଶ୍ରୀମତୀ ଗୀତାଂଜଳୀ ବେହେରାଙ୍କ ଝିଅ ସୁଶ୍ରୀ ନମ୍ରତା ବେହେରାଙ୍କ ପାଇଁ ଆର୍ଥିକ ସମସ୍ୟା ଉଚ୍ଚ ଶିକ୍ଷା ନିମନ୍ତେ ବାଧା ସୃଷ୍ଟି କରୁଥିବା ବେଳେ ଜେଏସପି ଫାଉଣ୍ଡେସନ ସହାୟତାର ହାତ ବଢ଼ାଇ ଥିଲେ । ଫାଉଣ୍ଡେସନର 'ଯଶସ୍ୱୀ ମେଧାବୃତ୍ତି ଯୋଜନାରେ ନମ୍ରତାଙ୍କ ସମ୍ପୂର୍ଣ୍ଣ ପଢା ଖର୍ଚ୍ଚ ବହନ କରିଥିଲେ । ସୁଶ୍ରୀ ବେହେରା ଏହି ସଫଳତା ପାଇଁ ନିଜର ମାତା-ପିତା ଓ ପରିବାର ବର୍ଗଙ୍କ ସମେତ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ରବି ନାରାୟଣ ମହାନ୍ତ ଓ ଅନ୍ୟ ଅଧ୍ୟାପକ-ଅଧ୍ୟାପିକା ଏବଂ ଫାଉଣ୍ଡେସନକୁ ଶ୍ରେୟ ଦେଇଛନ୍ତି । ସେ ପରୀକ୍ଷାରେ ୮୭% ନମ୍ବର ରଖି, ସର୍ବମୋଟ ୧୪୦୦ ନମ୍ବରରୁ ୧୨୧୯ ନମ୍ବର ପ୍ରାପ୍ତ କରିଛନ୍ତି । ତାଙ୍କର ଏହି ସଫଳତା ଜେଏସପି ଫାଉଣ୍ଡେସନର ସହାୟତା ସହ ନିଜର ପରିଶ୍ରମ ଓ ମହାବିଦ୍ୟାଳୟର ଅଧ୍ୟାପକ-ଅଧ୍ୟାପିକା ମାନଙ୍କର ସହଯୋଗ ବିନା ସମ୍ଭବ ହୋଇ ପାରି ନଥାନ୍ତା ବୋଲି ସେ କହିଛନ୍ତି । ଭବିଷ୍ୟତରେ ସେ ଏହି ବିଷୟରେ ଉଚ୍ଚ ଶିକ୍ଷା ହାସଲ କରିବା ସହ ଜଣେ ଭଲ ସଫ୍ଟୱେର ଇଂଜିନିୟର ହେବେ ବୋଲି ଆଶା ରଖିଛନ୍ତି । ବିଶ୍ୱ ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ମହାନ୍ତ ଏହି ସଫଳତା ପାଇଁ ନମ୍ରତା ବେହେରାଙ୍କୁ ଅଭିନନ୍ଦନ ଜଣାଇବା ସହ ଶିକ୍ଷାଦାନରେ ସାମିଲ ଥିବା ସମସ୍ତ ଅଧ୍ୟାପକ – ଅଧ୍ୟାପିକା ମାନଙ୍କୁ ମଧ ଅଭିନନ୍ଦନ ଜଣାଇଛନ୍ତି ଏବଂ ଜେଏସପି ଫାଉଣ୍ଡେସନକୁ କୃତଜ୍ଞତା ଜଣାଇଛନ୍ତି ।

'ଯଶସ୍ୱୀ ମେଧାବୃତ୍ତି କାର୍ଯ୍ୟକ୍ରମ ଜେଏସପି ଫାଉଣ୍ଡେସନର ଏକ ବିଶେଷ ଉଦ୍ୟମ, ଯାହା ଦ୍ୱାରା ଫାଉଣ୍ଡେସନ ଗରିବ, ଅବହେଳିତ, ବଂଚିତ ଏବଂ ମେଧାବୀ ଝିଅପିଲା ମନକୁ ସେମାନଙ୍କର ଉଚ୍ଚ ଶିକ୍ଷା ଓ କୌଶଳ ବିକାଶରେ ସହଯୋଗ କରି ଆସୁଛି । ବିଶେଷ କରି ଗ୍ରାମୀଣ, ଜଙ୍ଗଲ ଓ ଆଦିବାସୀ ପ୍ରବଣ କ୍ଷେତ୍ରର ପିଲା ମାନଙ୍କୁ ଏହି ଯୋଜନା ମାଧ୍ୟମରେ ଉପକାର ମିଳିପାରୁଛି । ୨୦୨୨ରୁ ଆରମ୍ଭ ହେଇଥିବା ଉକ୍ତ କାର୍ଯ୍ୟକ୍ରମ ଦ୍ୱାରା ଏପର୍ଯ୍ୟନ୍ତ ୧୧୦୦୦ ଝିଅପିଲା ଏଥିରେ ଉପକୃତ ହୋଇପାରିଛନ୍ତି ।

ଆର.ଜି.ଏଚ.ରେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଂଟ କର୍ମଶାଳା ଅନୁଷ୍ଠିତ

ରାଉରକେଲା, ୦୧/୦୬ (ନି.ପ୍ର): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଂଚଳିକ ଶାଖା ପକ୍ଷରୁ ବିଭାଗୀୟ ଅତିରିକ୍ତ ପରିବେଶ ବୈଜ୍ଞାନିକ ତଥା ଆଂଚଳିକ ଅଧିକାରୀ ଡ଼. ଅନୁପ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ରାଉରକେଲା ସରକାରୀ ହସ୍ପିଟାଲ ସମ୍ମିଳନୀ କକ୍ଷରେ ଆଜି ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଂଟ କର୍ମଶାଳା' ଅନୁଷ୍ଠିତ ହୋଇଯାଇଛି । ଆର.ଜି.ଏଚ. ର ଡାଇରେକ୍ଟର ଇନଚାର୍ଜଡାକ୍ତର ଶ୍ରୀମତୀ ସୁଧାରାଣୀ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିବା ସହ ବକ୍ତବ୍ୟ ରଖିଥିଲେ । ହସ୍ପିଟାଲ ପରିସରକୁ ନିୟମିତ ପରିଷ୍କାର ରଖିବା ଓ ଜୈବ ବର୍ଜ୍ୟ ବସ୍ତୁକୁ ପୃଥକୀକରଣ କରି ରଖିବା ପାଇଁ ଉପସ୍ଥିତ ନର୍ସିଙ୍ଗ ଷ୍ଟାଫଙ୍କୁ ପରାମର୍ଶ ଦେଇଥିଲେ । ଏସ.ପି.ସି.ବି.ର ଉପ ପରିବେଶ ଯନ୍ତ୍ରୀଙ୍କ ବିଜୟ କୁମାର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ ବାୟୋ ମେଡିକାଲ ୱେଷ୍ଟ ମ୍ୟାନେଜମେଂଟ ସମ୍ପର୍କରେ ଏକ ପିପିଟି ପ୍ରେଜେଣ୍ଟେସନ ପ୍ରଦାନ କରିଥିଲେ । ଏଥି ନେଇ ରହିଥିବା ନିୟମ ଓ ସଂଶୋଧିତ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ । ହସ୍ପିଟାଲକୁ ଆସୁଥିବା ରୋଗୀ ଓ ସେମାନଙ୍କ ଆଟେଣ୍ଡାଣ୍ଟମାନେ ଯେପରି ଜୈବ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାନ୍ତି ସେ ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ସାଧାରଣ ବର୍ଜ୍ୟ ସହ ହସ୍ପିଟାଲ ବର୍ଜ୍ୟ ଯେପରି ମିଶି ନଯାଏ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ପ୍ରାରମ୍ଭରେ ୱାଇ.ଏମ.ଏଫ.ଆଇ.ର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । ହସ୍ପିଟାଲ ମ୍ୟାନେଜର ମୋହିତ କୁମାର ଶ୍ରୀବାସ୍ତବ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହ ଆଲୋଚ୍ୟ କର୍ମଶାଳା ର ସଫଳତା ପାଇଁ ହସ୍ପିଟାଲ ଷ୍ଟାଫମାନଙ୍କ ସହଯୋଗ କାମନା କରିଥିଲେ । ଏଥିରେ ବିଭିନ୍ନ ୱାର୍ଡର ନର୍ସିଙ୍ଗ ଷ୍ଟାଫ ଓ ଅଫିସ ଷ୍ଟାଫମାନେ ଉପସ୍ଥିତ ଥିଲେ । ବିଶ୍ୱ ପରିବେଶ ଦିବସ ପାଳନ ପରିପ୍ରେକ୍ଷୀରେ ଏହି କର୍ମଶାଳା ର ଆୟୋଜନ କରାଯାଇଥିଲା । ପରିବେଶର ସୁରକ୍ଷା ନେଇ ସମସ୍ତେ ଶପଥପାଠ କରିଥିଲେ ।

ସାପ କାମୁଡ଼ାରେ ନାବାଳକ ମୃତ

କେନ୍ଦୁଝର, ୦୧/୦୬ (ନି.ପ୍ର): ଗତକାଲି ରାତିରେ କରଞ୍ଜିଆ ଥାନା ଅନ୍ତର୍ଗତ ସିମିଗାଁ ର ହରିହର ପାତ୍ରଙ୍କ ପୁଅ ପୁରୁଷୋତ୍ତମ ପାତ୍ର ବିଷାକ୍ତ ସପକାମୁଡ଼ାରେ ମୃତ୍ୟୁ ହୋଇଛି ।

ସୂଚନା ଅନୁସାରେ କରଞ୍ଜିଆ ଥାନା ଅନ୍ତର୍ଗତ ସୀମିଗାଁର ହରିହର ପାତ୍ରଙ୍କ ୧୩ ବର୍ଷିଆ ପୁଅ ଗତରାତି ଖାଇ ପିଇ ଶୋଇ ଥିବା ବେଳେ ଭୋର୍ ୪ଟା ସମୟରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେବାରୁ ସେ ଚିତ୍କାର କରି ପାଟିକରିବାରୁ ପରିବାର ଲୋକ ଉଠି ସଙ୍ଗେ ସଙ୍ଗେ ତାଙ୍କୁ କରଞ୍ଜିଆ ମେଡିକାଲକୁ ନେଇ ଥିଲେ । ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବେଶୀ ବିଗିଡ଼ିବାରୁ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ଆଜି ସକାଳୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା । ଆଜି ସକାଳ ୧୦.୩୦ ମିନିଟ ସମୟରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମେଡିକାଲ ଫାଣ୍ଡି ପୋଲିସ ଶବକୁ ଶବ ଗୃହରେ ରଖିଥିବା ବେଳେ ଟାଉନ୍ ଥାନାରେ ୪୭/୩୧ ନମ୍ବର୍ ରେ ମାମଲା ରୁଜୁ କରିବା ସହ ଟାଉନ୍ ପୋଲିସ ଉପସ୍ଥିତିରେ ଶବକୁ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା ।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

COM/C/G/R/E-auction Dt. 20.05.2024

କ୍ର.ସଂ.	ସଂକ୍ଷିପ୍ତ ବିବରଣୀ	ନିଲାମ ତାରିଖ	ନିଲାମ ସମୟ	
୦୧	ରାୟପୁର ଷ୍ଟେସନରେ ଏମର୍ଜେନ୍ସୀ ମେଡିକାଲ ରୁମ୍ ପାଇଁ ଟେଣ୍ଡର	୦୪.୦୬.୨୦୨୪	୧୫.୦୦	୧୫.୩୦
୦୨	ଦୂର୍ଗ ଷ୍ଟେସନରେ ଏମର୍ଜେନ୍ସୀ ମେଡିକାଲ ରୁମ୍ ପାଇଁ ଟେଣ୍ଡର	୦୪.୦୬.୨୦୨୪	୧୫.୦୦	୧୫.୪୦

ସମସ୍ତ ଇ-ନିଲାମ ଅଧିସୂଚନାର ବିବରଣୀ ୱେବସାଇଟ୍ (**www.ireps.gov.in**)ରେ ଅପ୍‌ଲୋଡ କରାଯାଇଛି ।

ସହକାରୀ ବାଣିଜ୍ୟିକ ପ୍ରବନ୍ଧକ
ଦ.ପୂ.ମ. ରେଳପଥ/ରାୟପୁର

PR/R/SR.DCM/AN/42

ସଂପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଦ୍ମଶ୍ରୀ ମାଗୁଣି ଚରଣ କୁଅଁରଙ୍କ ଶେଷକୃତ୍ୟ ସଂପନ୍ନ

କେନ୍ଦୁଝର, ୦୧/୦୬ (ନି.ପ୍ର): କେନ୍ଦୁଝରର ଗର୍ବ ଓ ଗୌରବ ବିଶିଷ୍ଟ କଣ୍ଢେଇ ନୃତ୍ୟଗୁରୁ ମାଗୁଣି ଚରଣ କୁଅଁରଙ୍କ ବିୟୋଗ ପରେ ରାଜ୍ୟରେ ଶୋକର ଛାୟା ଖେଳି ଯାଇଛି । ଦୀର୍ଘ ବର୍ଷ ଧରି କଣ୍ଢେଇ ନୃତ୍ୟ ପରିବେଷଣ କରି ସ୍ୱର୍ଗତ କୁଅଁର ଏହି ଲୁପ୍ତପ୍ରାୟ ଲୋକକଳାର ବ୍ୟାପକ ପ୍ରଚାର ପ୍ରସାର କରି ଲୋକଙ୍କ ପାଖରେ ବେଶ ଆଦୃତି ଲାଭ କରିଥିଲେ ।

ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ସ୍ୱର୍ଗତ କୁଅଁରଙ୍କ ପରଲୋକ ଗମନ ଖବର ପ୍ରାପ୍ତ ହେଲା ପରେ ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ ଗଭୀର ଶୋକବ୍ୟକ୍ତ କରିଛନ୍ତି । ନିର୍ଜୀ କାଠ ନିର୍ମିତ କଣ୍ଢେଇକୁ ନିଜ ଯାଦୁଗରୀ କଳା ନୈପୁଣ୍ୟତା ମାଧ୍ୟମରେ ଜୀବନ୍ତ କରି ଏହି କଳାକୁ ବିଶ୍ୱ ବିଦିତ କରି ପାରିଥିବା ସ୍ୱର୍ଗତ କୁଅଁରଙ୍କ ବିୟୋଗ କେନ୍ଦୁଝର ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ନିଜ ଶୋକବାର୍ତ୍ତାରେ ଶ୍ରୀ ସିଂହ ପ୍ରକାଶ କରିଛନ୍ତି । ଏହାସହିତ ସେ ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

ଜିଲ୍ଲାପାଳ ଶ୍ରୀ ସିଂହଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାର ବରିଷ୍ଠ ଅଧିକାରୀ ମାନେ ସ୍ୱର୍ଗତ କୁଅଁରଙ୍କ ଶେଷ ଦର୍ଶନ କରିବା ସହ ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସମ୍ମାନ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଲଳିତ ସୋରେଙ୍ଗ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦୁଝରଗଡ଼ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ବସନ୍ତ କୁମାର ସେଠୀ, ଡେପୁଟି କଲେକ୍ଟର ସୁଶ୍ରୀ ରୁପାଲି ହାଁସଦା, ଏସଡ଼ିପିଓ ଶ୍ରୀ ମହେନ୍ଦ୍ରନାଥ ମୁର୍ମୁ, ଜିଲ୍ଲା ପର୍ଯ୍ୟଟନ ଓ ସଂସ୍କୃତି ଅଧିକାରୀ ଶ୍ରୀ ରମେଶ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ ରାଜସ୍ୱ ସହାୟକ ପୀତବାସ ମହାନ୍ତ ଓ ରଶ୍ମିକାନ୍ତ ମହାନ୍ତ ପ୍ରମୁଖ ଶ୍ମଶାନରେ ଉପସ୍ଥିତ ରହିଥିଲେ । ପୋଲିସ ପକ୍ଷରୁ ଗାର୍ଡ୍ ଅଫ ଅନର ପ୍ରଦାନ କରାଯାଇଥିଲା । ସୂଚନାଥାଉ କି ସ୍ୱର୍ଗତ କୁଅଁରଙ୍କ ମୃତ୍ୟୁ ଖବର ପାଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଗଭୀର ଶୋକବ୍ୟକ୍ତ କରିବା ସହ ସମ୍ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦାର ସହ ଶେଷକୃତ୍ୟ ସମାପନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ଅଂଶୁଘାତରେ ମହିଳାଙ୍କ ମୃତ୍ୟୁ

ସୁନ୍ଦରଗଡ, ୦୧/୦୬ (ନି.ପ୍ର): ଗତ ଶୁକ୍ରବାର ଅପରାହ୍ନରେ ଧରୁଆଡିହି ଥାନା ଅନ୍ତର୍ଗତ କେନ୍ଦମାଳ ଗ୍ରାମର ଜଣେ ମହିଳାଙ୍କ ଅଂଶୁଘାତରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି । ଅପରାହ୍ନ ୪ଟାରେ ଗ୍ରାମର ସଂଜୀବ ଟପ୍ପୋଙ୍କ ସ୍ତ୍ରୀ ସୁମନ୍ତି ଟପ୍ପୋ (୪୨) ହଠାତ୍ ଅସୁସ୍ଥ ହୋଇପଡିଥିଲେ । ପରିବାର ଲୋକେ ତାଙ୍କୁ ସୁନ୍ଦରଗଡ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମୃତଦେହ ଜବତ କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଶବାଗାରରେ ସଂରକ୍ଷିତ ରଖାଯାଇଛି । ଶନିବାର ଦିନ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି ।

ଯୁକ୍ତ ଦୁଇ ଫଳାଫଳରେ 'ବିଦ୍ୟା ଷ୍ଟଡ଼ି ପଏଂଟ'ର ସଫଳତା

ସାରନଗରୀ, ୩୧୫ (ନି.ପ୍ର): ଆଜକୁ ୨୮ବର୍ଷ ଧରି ପିଲାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସର୍ବଦା ନିର୍ଭରଯୋଗ୍ୟ ଶିକ୍ଷାନୁଷ୍ଠାନ ଭାବରେ ପରିଚିତ ସାରନଗରୀସ୍ଥିତ ଘରୋଇ ଶିକ୍ଷାନୁଷ୍ଠାନ ବିଦ୍ୟା ଷ୍ଟଡ଼ି ପଏଂଟର ଛାତ୍ରଛାତ୍ରୀ ଯୁକ୍ତ ଦୁଇ ବିଜ୍ଞାନ, କଳା ଓ ବାଣିଜ୍ୟରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ରାଉରକେଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ମହାନ୍ତି ବିଜ୍ଞାନରେ ୮୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସୁଶୀଳାବତୀ ମହିଳା ମହାବିଦ୍ୟାଳୟର ଛାତ୍ରୀ କରୀସ୍ମା ଲାକ୍ରା କଳାରେ ୭୮ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ମ୍ୟୁନସିପାଲ କଲେଜର ଛାତ୍ର ଅବିନାଶ ମହନ୍ତ ବାଣିଜ୍ୟରେ ୭୬ ପ୍ରତିଶତ ନମ୍ବର ରଖିଛନ୍ତି । ସେହିପରି ବିଜ୍ଞାନ, କଳା ଓ ବାଣିଜ୍ୟରେ ଅଧିକାଂଶ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇଛନ୍ତି । ସଫଳ ଛାତ୍ରଛାତ୍ରୀଙ୍କୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: TRS-BIA-24-25-CBC-03

କାର୍ଯ୍ୟର ନାମ: ଇଲେକ୍ଟ୍ରିକ୍ ଲୋକୋ ଶେଡ୍, ଦ.ପୂ.ମ.ରେ., ଭିଲାଇରେ ୨ ବର୍ଷ ପାଇଁ ସିବିସି କପ୍‌ଲର ଅପରେଟିଂ ହ୍ୟାଣ୍ଡଲକୁ ତଳୁ ଚଳାଇବାରୁ ଉପରୁ ଚଳାଇବା ପାଇଁ ସଂଶୋଧନ ପତ୍ର ସଂ. ଆରଡିଏସଓ/2016/ଇଏଲ/ଏମଏସ/0454, Rev'0' ତା. 29.04.2016 ଅନୁସାରେ ପରିବର୍ତ୍ତନ; **କାର୍ଯ୍ୟର ମୂଲ୍ୟ:** ଟ. ୧୧,୧୫,୪୪୭.୯୮ (ଏଗାର ଲକ୍ଷ ପନ୍ଦର ହଜାର ଚାରି ଶହ ସତଚାଳିଶି ଟଙ୍କା ଓ ଅଠାନବେ ପଇସା ମାତ୍ର); **ବିଡ୍ ଅମାନତ/ଅଗ୍ରିମ ଅର୍ଥ ଜମା:** ଟ. ୨୨,୪୦୦.୦୦ (ବାଇଶି ହଜାର ଚାରି ଶହ ଟଙ୍କା ମାତ୍ର); **କାର୍ଯ୍ୟ ସମାପନ ଅବଧି:** କାର୍ଯ୍ୟ ଆରମ୍ଭ ତାରିଖରୁ ୨୪ (ଚବିଶି) ମାସ; **ଟେଣ୍ଡର ସମାପ୍ତି ତାରିଖ ଓ ସମୟ:** ୧୧.୦୬.୨୦୨୪ ଘ. ୧୧.୩୦ରେ; **ୱେବ୍‌ସାଇଟ ବିବରଣୀ** ଏବଂ ଟେଣ୍ଡର ବିବରଣୀ **http://www.ireps.gov.in**ରେ ଦେଖିହେବ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ-ଟିଆରଏସ
PR/R/TRS(BIA)/FL/35 **ଦ.ପୂ.ମ.ରେ., ଭିଲାଇ**

South East Central Railway @secrail

ICICI Home Finance

କର୍ପୋରେଟ୍ କାର୍ଯ୍ୟାଳୟ: ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିମିଟେଡ୍, ଆଇସିଆଇସିଆଇ ଏଚଏଫସି ଟାୱାର, ଅନ୍ଧେରି-କୁର୍ଲା ରୋଡ, ଅନ୍ଧେରି (ପୂର୍ବ), ମୁମ୍ବଇ-400059, ଭାରତ
ଶାଖା କାର୍ଯ୍ୟାଳୟ: 96, ଜନପଥ, 2ୟ ମହଲା, ଖାରବେଳ ନଗର, ଭୁବନେଶ୍ୱର-751001
ଶାଖା କାର୍ଯ୍ୟାଳୟ: 4ର୍ଥ ମହଲା, କ୍ରିଷ୍ଣା ଏନ୍‌କ୍ଲେଭ୍, 2/1, ଭଜନ ଲାଲ ଲୋହିଆ ଲେନ୍, ହାୱଡା ଏସି ମାର୍କେଟ୍ ପାଖ, ଯେସ୍ ବ୍ୟାଙ୍କ ଉପର, ହାୱଡା-711101

[ନିୟମ 8(6)ର ପ୍ରାବଧାନ ଦ୍ରଷ୍ଟବ୍ୟ]

ଅଚଳ ସମ୍ପତ୍ତି ବିକ୍ରି ପାଇଁ ବିଜ୍ଞପ୍ତି

ପ୍ରତିଭୂତି ହିତ (ପ୍ରବର୍ତ୍ତନ) ନିୟମାବଳୀ, 2002ର ନିୟମ 8(6)ର ପ୍ରାବଧାନ ସହିତ ପଠିତ ଆର୍ଥିକ ସମ୍ପତ୍ତିର ପ୍ରତିଭୂତିକରଣ ଓ ପୁନର୍ଗଠନ ଏବଂ ପ୍ରତିଭୂତି ହିତର ପ୍ରବର୍ତ୍ତନ ଅଧିନିୟମ, 2002 ଅନୁସାରେ ଅଚଳ ସମ୍ପତ୍ତିର ବିକ୍ରି ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।
ଏତଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଧାରଗ୍ରାହୀ(ଗଣ) ଓ ଜାମିନଦାର(ଗଣ)ଙ୍କୁ ସୂଚାଇ ଦିଆଯାଉଛି ଯେ, ବିଶ୍ୱସନୀୟ ଋଣଦାତାଙ୍କ ପାଖରେ ବନ୍ଧକ/ଜିମା ଥିବା ନିମ୍ନବର୍ଣ୍ଣିତ ଅଚଳ ସମ୍ପତ୍ତି ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିଃର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଯାହାର ସାଙ୍କେତିକ ଦଖଲ ନିଆଯାଇଛି, ଅତ୍ର ନିମ୍ନରେ ପ୍ରଦତ୍ତ ସଂକ୍ଷିପ୍ତ ବିବରଣୀ ଅନୁସାରେ "ଯେପରି ଯେଉଁଠି ଅଛି", "ଯାହା ଯେପରି ଅଛି" ଓ "ଯାହା ବି ସେଠାରେ ଅଛି" ଭିତ୍ତିରେ ବିକ୍ରୟ କରାଯିବ:

କ୍ର. ସଂ.	ଧାରଗ୍ରାହୀ/ସହ-ଧାରଗ୍ରାହୀ/ ଜାମିନଦାର/ବୈଧ ଉତ୍ତରାଧିକାରୀଙ୍କ ନାମ, ଋଣ ଖାତା ସଂଖ୍ୟା	ଜଣା ପ୍ରତିବନ୍ଧକ (ଯଦି ଥାଏ) ସହ ପ୍ରତିଭୂତ ସଂପତ୍ତିର ବିବରଣୀ	ବକେୟା ପରିମାଣ	ସଂରକ୍ଷିତ ମୂଲ୍ୟ ଅଗ୍ରିମ ଅର୍ଥ ଜମା	ସଂପତ୍ତିର ନିରୀକ୍ଷଣ ତାରିଖ ଓ ସମୟ	ନିଲାମ ତାରିଖ ଓ ସମୟ
(କ)	(ଖ)	(ଗ)	(ଘ)	(ଙ)	(ଚ)	(ଛ)
1.	ରାମଚନ୍ଦ୍ର ବେହେରା (ଧାରଗ୍ରାହୀ), ଉଲ୍ଲାଶ ବେହେରା (ସହ-ଧାରଗ୍ରାହୀ) ଋଣ ଖାତା ସଂଖ୍ୟା LHBBS00001314076 ଓ LHBBS00001315169	ମୌଜା-ଦେନୁଆ, ନିମାପଡାରେ ଅବସ୍ଥିତ ପ୍ଲଟ୍ ନଂ. 6667/8137 ଖାତା ନଂ. 1765/881ରେ ଘର	ଟ. 10,55,533/- ମଇ 16, 2024	ଟ. 10,16,370/- ଟ. 1,01,640/-	ଜୁଲାଇ 01, 2024 ପୂର୍ବା. 11.00 ଅପ. 03.00	ଜୁଲାଇ 10, 2024 ଅପ. 02.00 ଅପ. 03.00
2.	ପବିତ୍ର ମୋହନ ସାହୁ (ଧାରଗ୍ରାହୀ), ନକୁଳ ସାହୁ (ସହ-ଧାରଗ୍ରାହୀ), ଋଣ ଖାତା ସଂଖ୍ୟା LHBBS00001401680	ମୌଜା-କୁଣ୍ଡିଲୋ, ଭୁବନେଶ୍ୱର-751003ରେ ପ୍ଲଟ୍ ନଂ. 273/422, ଖାତା ନଂ. 177/47 ଓ ପ୍ଲଟ୍ ନଂ. 274/423, ଖାତା ନଂ. 177/48	ଟ. 13,63,215/- ମଇ 16, 2024	ଟ. 23,67,540/- ଟ. 2,36,760/-	ଜୁଲାଇ 01, 2024 ପୂର୍ବା. 11.00 ଅପ. 03.00	ଜୁଲାଇ 10, 2024 ଅପ. 02.00 ଅପ. 03.00
3.	ସଂଜୟ କୁମାର ଜେନା (ଧାରଗ୍ରାହୀ), କବିତା ଜେନା (ସହ-ଧାରଗ୍ରାହୀ), ଋଣ ଖାତା ସଂଖ୍ୟା LHBBS00001354533 ଓ LHBBS00001355118	ମୌଜା-ସଦେରିଆ, ପୁରୀ, ଓଡିଶା-752104ରେ ସ୍ଥିତ ପ୍ଲଟ୍ ନଂ. 50, ଖାତା ନଂ. 155	ଟ. 7,24,658/- ମଇ 16, 2024	ଟ. 8,15,067/- ଟ. 81,510/-	ଜୁଲାଇ 01, 2024 ପୂର୍ବା. 11.00 ଅପ. 03.00	ଜୁଲାଇ 10, 2024 ଅପ. 02.00 ଅପ. 03.00
4.	କୈଳାସ ବେହେରା (ଧାରଗ୍ରାହୀ), ଝରି ବେହେରା (ସହ-ଧାରଗ୍ରାହୀ), ଋଣ ଖାତା ସଂଖ୍ୟା LHBBS00001301304	ପ୍ଲଟ୍ ନଂ. 531(P), ଖାତା ନଂ. 249, ମୌଜା-ନୂଆ ବାଲ୍ମା, ଥାନା-ଗୋବିନ୍ଦପୁର, ତହସିଲ-ନିଆଳି, ଜିଲ୍ଲା-କଟକ	ଟ. 11,60,949/- ମଇ 16, 2024	ଟ. 17,55,540/- ଟ. 1,75,560/-	ଜୁଲାଇ 01, 2024 ପୂର୍ବା. 11.00 ଅପ. 03.00	ଜୁଲାଇ 10, 2024 ଅପ. 02.00 ଅପ. 03.00
5.	ହଟ ସୁନ୍ଦରାୟ (ଧାରଗ୍ରାହୀ), ଅନିତା ସୁନ୍ଦରାୟ (ସହ-ଧାରଗ୍ରାହୀ), ଋଣ ଖାତା ସଂଖ୍ୟା LHBBS00001421228	ପ୍ଲଟ୍ ନଂ. 480, ଖାତା ନଂ. 472/2436, ମୌଜା-ଗୁରୁଜଙ୍ଗ, ତହସିଲ/ଥାନା-ଖୋର୍ଦ୍ଧା, ଜି-ଖୋର୍ଦ୍ଧା, ଓଡିଶା-751003	ଟ. 9,81,917/- ମଇ 16, 2024	ଟ. 23,51,700/- ଟ. 2,35,170/-	ଜୁଲାଇ 01, 2024 ପୂର୍ବା. 11.00 ଅପ. 03.00	ଜୁଲାଇ 10, 2024 ଅପ. 02.00 ଅପ. 03.00
6.	ସୁଧାକର ପରିଡା (ଧାରଗ୍ରାହୀ), ରିନା ପରିଡା (ସହ-ଧାରଗ୍ରାହୀ), ଋଣ ଖାତା ସଂଖ୍ୟା LHBBS00001369832	ପ୍ଲଟ୍ ନଂ. 786, ଖାତା ନଂ. 53, ଜି-ପୁରୀ, ଉ.ନି.କା.-ଡେଲାଙ୍ଗ, ତହସିଲ-ପିପିଲି, ଥାନା-ଡେଲାଙ୍ଗ, ମୌଜା-ହୁମର, ଓଡିଶା	ଟ. 7,37,579/- ମଇ 16, 2024	ଟ. 9,95,040/- ଟ. 99,510/-	ଜୁଲାଇ 01, 2024 ପୂର୍ବା. 11.00 ଅପ. 03.00	ଜୁଲାଇ 10, 2024 ଅପ. 02.00 ଅପ. 03.00

ଅନ୍‌ଲାଇନ୍ ନିଲାମ ଆମ ନିଲାମ ଏଜେନ୍ସୀ ଗ୍ଲୋବ୍‌ଟେକ୍‌ର ୱେବ୍‌ସାଇଟ୍ (**URL Link- /https://BestAuctionDeal.com**)ରେ ଆୟୋଜନ କରାଯିବ । ବନ୍ଧକଦାତା/ସୂଚନାଗ୍ରହୀତାଙ୍କୁ **09 ଜୁଲାଇ, 2024** ଅପରାହ୍ନ **ଘ. 05.00** ପୂର୍ବରୁ ସୁଧ ସହ ମୋଟ ଦେୟ ପୈଠ କରିବାକୁ ଶେଷ ସୁଯୋଗ ଦିଆଯାଉଛି, ଅନ୍ୟଥା ଏସବୁ ପ୍ରତିଭୂତି ସମ୍ପତ୍ତି ଉପର କାର୍ଯ୍ୟସୂଚୀ ମୁତାବକ ବିକ୍ରି କରିଦିଆଯିବ ।
ପ୍ରତ୍ୟାଶୀ ବିଡ୍‌ଦାତା(ଗଣ) ଅଗ୍ରିମ ଅର୍ଥ ଜମା (ଇଏମଡି) ଆରଟିଜିଏସ/ଡିମାଣ୍ଡ ଡ୍ରାଫ୍ଟ (ଡିଡି) ଆକାରରେ (ସ୍ତମ୍ଭ-ଙ ଦେଖନ୍ତୁ) ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିମିଟେଡ, **96,** ଜନପଥ, **2ୟ** ମହଲା, ଖାରବେଳ ନଗର, ଭୁବନେଶ୍ୱର-**751001**ରେ **09** ଜୁଲାଇ, **2024** ଅପରାହ୍ନ **ଘ. 04.00** ସୁଦ୍ଧା ଅବଶ୍ୟ ଜମା କରିବାକୁ ହେବ । ପ୍ରତ୍ୟାଶୀ ବିଡ୍‌ଦାତା(ଗଣ) ପଂଜିକରଣ ଫର୍ମ ଏବଂ ବିଡ୍ ସର୍ତ୍ତ ଓ ନିୟମାବଳୀ ଫର୍ମର ସ୍ୱାକ୍ଷରିତ ପ୍ରତିଲିପି ମଧ୍ୟ ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିମିଟେଡ, **96,** ଜନପଥ, **2ୟ** ମହଲା, ଖାରବେଳ ନଗର, ଭୁବନେଶ୍ୱର-**751001**ରେ **09** ଜୁଲାଇ, **2024** ଅପରାହ୍ନ **ଘ. 05.00** ସୁଦ୍ଧା ଅବଶ୍ୟ ଜମା କରନ୍ତୁ । ଅଗ୍ରିମ ଅର୍ଥ ଜମା ଡିମାଣ୍ଡ ଡ୍ରାଫ୍ଟ (ଡିଡି) ଏକ ଜାତୀୟକରଣ/ଅନୁସୂଚିତ ବ୍ୟାଙ୍କରୁ "ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିଃ - ନିଲାମ" ପକ୍ଷରେ ନିମାପଡା, ଭୁବନେଶ୍ୱର, ପୁରୀ, କଟକ, ଖୋର୍ଦ୍ଧାରେ ଦେୟ ହେବା ଆବଶ୍ୟକ ।
ନିରୀକ୍ଷଣ, ନିଲାମର ସର୍ତ୍ତ ଓ ନିୟମାବଳୀ କିମ୍ବା ଟେଣ୍ଡର ଦାଖଲ ବାବଦରେ ଅଧିକ ସ୍ପଷ୍ଟୀକରଣ ପାଇଁ, ଦୟାକରି ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିମିଟେଡ ସହ **9920807300**ରେ କିମ୍ବା ଆମ ବିକ୍ରି ଓ ବିପଣନ ଅଂଶୀଦାର ନେକ୍ସଜେନ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ ସହ ଯୋଗାଯୋଗ କରନ୍ତୁ ।
କୌଣସି ଅଧିକ କାରଣ ନ ଦର୍ଶାଇ ଯେ କୌଣସି ବା ସମସ୍ତ ବିଡ୍‌କୁ ନାକଚ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀ ସଂରକ୍ଷିତ ରଖିଛନ୍ତି ।
ବିକ୍ରିର ବିସ୍ତୃତ ସର୍ତ୍ତ ଓ ନିୟମାବଳୀ ପାଇଁ, ଦୟାକରି **https://www.icicihfc.com** ପରିଦର୍ଶନ କରନ୍ତୁ ।

ତାରିଖ: **02 ଜୁନ୍, 2024** | କ୍ଷମତାପ୍ରାପ୍ତ ଅଧିକାରୀ
ସ୍ଥାନ: ନିମାପଡା, ଭୁବନେଶ୍ୱର, ପୁରୀ, କଟକ, ଖୋର୍ଦ୍ଧା | ଆଇସିଆଇସିଆଇ ହୋମ୍ ଫାଇନାନ୍ସ କମ୍ପାନୀ ଲିମିଟେଡ

Printed and published by **Sri Pitabasa Mishra** on behalf of UTKAL MAIL PRAKASHANI PVT. LTD. at Mahabir Printers, Plot No. 493, Gobinda Prasad, Sarathi Mkt. Complex, Bomikhal, Bhubaneswar-10, **H.O.** : A/8, Commercial Estate, Rourkela-12, Ph.0661-2401949, Admn. Office:B/403, Sai Rose Aptt., Nandankanan Rd., Raghunathpur Jali, Patia, Bhubaneswar-25, Cell:9437042623, Email: utkalmailnews@gmail.com (News & Features), utkalmaildelhi@gmail.com (Advt.), Website:www.utkalmail.com, **Managing Editor:** Bhagabat Tripathy, **Editor**: Rita Mishra